RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -56 | ସଂଖ୍ୟା-୫୬
ଭୁବନେଶ୍ୱର, ଶୁକ୍ରବାର ୦୮ ମଇ ୨୦୨୬
Bhubaneswar, Friday 08 May, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com
ଏକ ନିର୍ଭୀକ ନିରପେକ୍ଷ
RNI No. ORIORI/2010/33031
ଦୈନିକ ସମ୍ବାଦପତ୍ର

ଅପରେସନ ସିନ୍ଦୂରରେ ଉଡ଼ିଥିଲା ପାକିସ୍ତାନର ୧୩ ବିମାନ, ୧୧ ଘାଟି

ନୂଆଦିଲ୍ଲୀ,୭।୫(ନି.ପ୍ର): ଅପରେସନ୍ ସିନ୍ଦୂର ର ପ୍ରଥମ ବାର୍ଷିକୀ ଉପରେ ଭାରତୀୟ ସେନା, ବାୟୁ ସେନା ଏବଂ ନୌ ସେନା ମିଳିତ ସମ୍ବାଦିକ ସମ୍ମିଳନୀ କରିଛନ୍ତି। ଯେଉଁଥିରେ ସାମରିକ ଅଧିକାରୀମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛନ୍ତି। ବାୟୁସେନା ମାର୍ଶଲ୍ ଏକେ ଭାରତୀ ଏହି ସମୟରେ କହିଛନ୍ତି ଯେ ଏହି ଅପରେସନ୍‌ରେ ପାକିସ୍ତାନକୁ ପ୍ରବଳ କ୍ଷତି ସହିବାକୁ ପଡ଼ିଥିଲା। ଆମେ ପାକିସ୍ତାନର ୯ ଟି ଆତଙ୍କବାଦୀ ଆଡ୍ଡା ଧ୍ୱଂସ କରିବା ସମସ୍ତେ ଦେଖିଥିଲେ। କିନ୍ତୁ ଆମେ ସେମାନଙ୍କର ୧୧ ଟି ବିମାନ ଘାଟିକୁ ମଧ୍ୟ ଟାର୍ଗେଟ୍ କରିଥିଲୁ। ଏହି ଆକ୍ରମଣରେ ଆମେ ସେମାନଙ୍କର ୧୩ ଟି ବିମାନକୁ ଧ୍ୱଂସ କରିଥିଲୁ, ୩୦୦ କିଲୋମିଟର ଦୂରତା ଭିତରେ ଭାରତୀୟ ସେନାର ଏହି ଅପରେସନ୍ ହୋଇଥିଲା।

ଭାରତୀୟ ସାମରିକ ଅଧିକାରୀମାନେ କହିଛନ୍ତି ଯେ ଅପରେସନ୍ ସିନ୍ଦୂର ଆମ ରାଷ୍ଟ୍ରର ସଂକଳ୍ପ, ଦାୟିତ୍ୱ ଏବଂ ରଣନୈତିକ ସଂଯମର ପ୍ରତୀକ ଥିଲା। ଏହି ଅପରେସନ୍ ଅଧୀନରେ ଭାରତ ପାକିସ୍ତାନ ସହିତ ଆନ୍ତର୍ଜାତୀୟ ସୀମା ପାର୍ଶ୍ୱରେ ଆତଙ୍କବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟ କରିବା ପାଇଁ ନିଜର ପୁରୁଣା ତରିକାରୁ ହଟି ପଦକ୍ଷେପ ନେଲା। ଗତ ବର୍ଷ ଅପରେସନ୍ ସିନ୍ଦୂରର ସଫଳତାରେ କାର୍ଯ୍ୟାନୁଷ୍ଠାନ ସ୍ତରରେ ପେଶାଗତ ସ୍ୱାୟତ୍ତତା ଏବଂ ନମନୀୟତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଲା। ଅପରେସନ୍ ସିନ୍ଦୂରରେ ବ୍ରହ୍ମୋସ, ଆକାଶ ଏବଂ ଅନେକ ଅନ୍ୟ ସ୍ୱଦେଶୀ ପ୍ରଣାଳୀ ତଥା ଅସ୍ତ୍ରଶସ୍ତ୍ର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ଆମେ ଅତ୍ୟନ୍ତ କମ୍ ସମୟ ମଧ୍ୟରେ ଏକ ଜଟିଳ ବହୁମୁଖୀ ଅଭିଯାନର ଯୋଜନା କରିଥିଲୁ ଏବଂ ତାକୁ ସଫଳତାର ସହ ଶେଷ କରିଥିଲୁ।

ସାମରିକ ଅଧିକାରୀ ସମ୍ବାଦିକ ସମ୍ମିଳନୀ ସମୟରେ କହିଛନ୍ତି ଯେ ଅପରେସନ୍ ସିନ୍ଦୂର ଏହି ବାର୍ତ୍ତା ଦେଲା ଯେ ଆତଙ୍କବାଦୀମାନଙ୍କ ପାଇଁ କୌଣସି ବି ଶରଣସ୍ଥଳୀ ଏବେ ସୁରକ୍ଷିତ ନୁହେଁ। ଭାରତ ନିଜର ସାର୍ବଭୌମତ୍ୱ, ସୁରକ୍ଷା ଏବଂ ନାଗରିକମାନଙ୍କ ରକ୍ଷା ଦୃଢ଼ତା ଏବଂ ସମ୍ପୂର୍ଣ୍ଣ ଦାୟିତ୍ୱ ସହିତ କରିବ। ଅପରେସନ୍ ସିନ୍ଦୂରକୁ ସଠିକତା, ସନ୍ତୁଳିତ ଜବାବୀ କାର୍ଯ୍ୟାନୁଷ୍ଠାନ ଏବଂ ସ୍ପଷ୍ଟ ଉଦ୍ଦେଶ୍ୟ ସହିତ ଶେଷ କରାଯାଇଥିଲା।

ଲେଫ୍ଟନାଣ୍ଟ ଜେନେରାଲ୍ ରାଜୀବ ଘଇ କହିଛନ୍ତି ଯେ ଏହାର ଅର୍ଥ ପ୍ରସ୍ତୁତି କରିବା ଅଟେ। ଆମେ ଯେଉଁ ଶିକ୍ଷା ନେଲୁ ସେହି ହିସାବରେ ପ୍ରସ୍ତୁତି ଚାଲିଛି, ରୂପାନ୍ତରଣ ଚାଲିଛି। ଲାଗିଲା ଯେ କିଛି ପରିବର୍ତ୍ତନ କରିବାର ଅଛି ତ ସେହି ଏକ ପ୍ରସ୍ତୁତି ଚାଲିଛି। ସେନାର ମୁତୟନ ଉପରେ ଚିନ୍ତା ବିଚାର ଚାଲିଛି। ପ୍ରକୃତ କାରଣ ହେବ ଏବଂ ସକ୍ରିୟ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ହେବ ତ ତାହା ବି ହେବ। ଏହି ହିସାବରେ ଅପରେସନ୍ ସିନ୍ଦୂର ଏବେ ବି ଜାରି ଅଛି ଏବଂ ଜାରି ରହିବ। ଭାରତର ଆତଙ୍କ ବିରୋଧରେ ଲଢେଇ ଚାଲୁ ରହିବ।

ବାୟୁସେନା ମାରଶଲ୍ ଏକେ ଭାରତୀ – ସେମାନେ ଆମର କୌଣସି ବଡ଼ କ୍ଷତି କରିପାରିନଥିଲେ। ନା ତ କୌଣସି ସାମରିକ ଢାଞ୍ଚା କ୍ଷତିଗ୍ରସ୍ତ ହେଲା ନା କୌଣସି ସାଧାରଣ ନାଗରିକ। ସେମାନେ ଯେଉଁ ଚେଷ୍ଟା କଲେ ତାକୁ ଆମେ ରୋକି ଦେଲୁ। ସେମାନେ ଯାହା ବି କହନ୍ତୁ ଏହା ମନେ ରଖନ୍ତୁ ଯେ ମନଗଢ଼ା କାହାଣୀ ଏବଂ ବାକ୍ ଚାତୁରୀ ଆପଣଙ୍କୁ ବିଜୟ ଦେବାଏ ନାହିଁ, ବିଜୟ କଠୋର ତଥ୍ୟରୁ ଜଣାପଡେ। କଠୋର ତଥ୍ୟ ଆମେ ପୂର୍ବରୁ ହିଁ ଦେଇସାରିଛୁ, ଏକ ବର୍ଷ ପୂର୍ବ। କଠୋର ତଥ୍ୟ ଏହା ଯେ ଆମେ ସେମାନଙ୍କର ୯ ଟି ଆତଙ୍କବାଦୀ ଆଡ୍ଡା ଧ୍ୱଂସ କଲୁ, ଯାହା ସମସ୍ତେ ଦେଖିଲେ। ଆମେ ସେମାନଙ୍କର ୧୧ ଟି ବିମାନ ବନ୍ଦରକୁ ଟାର୍ଗେଟ୍ କରି ସେମାନଙ୍କର ୧୩ ଟି ବିମାନକୁ ଧ୍ୱଂସ କରିଥିଲୁ।

ଲେଫ୍ଟନାଣ୍ଟ ଜେନେରାଲ୍ ରାଜୀବ ଘଇ କହିଛନ୍ତି ଯେ, ପାକିସ୍ତାନ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଅନୁପ୍ରବେଶ କେନ୍ଦ୍ର, ଆତଙ୍କବାଦୀ ଭିତ୍ତିଭୂମି ବିଷୟରେ ଆମ ପାଖରେ ସମସ୍ତ ସୂଚନା ଅଛି। ନିୟନ୍ତ୍ରଣ ରେଖାର ଅନ୍ୟ ପାର୍ଶ୍ୱରେ ଅନେକ ଗୋଷ୍ଠୀ ଅଛନ୍ତି, ଏହା ସହିତ ଆନ୍ତର୍ଜାତୀୟ ସୀମାର ଅନ୍ୟ ପାର୍ଶ୍ୱରେ ମଧ୍ୟ। ଅଲଗା ଅଲଗା ସମୟରେ ଏମାନଙ୍କ ସଂଖ୍ୟା ବଦଳୁଥାଏ ଏବଂ ଏମାନଙ୍କ ଭିତ୍ତିଭୂମି ମଧ୍ୟ ବଦଳିଛି। ଯେଉଁ ୯ ଟି ଉପରେ ଆମେ ଆମେ ଆକ୍ରମଣ ଆଘାତ କରିଥିଲୁ ସେଥିରୁ ଦୁଇଟିକୁ ସେମାନେ ପୁନଃନିର୍ମାଣ କରୁଛନ୍ତି, ବାକି ୭ ଟି କୁ ନେଇ ମଧ୍ୟ ଆମକୁ ଧାରଣା ଅଛି। ଆମେ ବସ୍ ଏତିକି କହିବୁ ଯେ କୌଣସି ଆତଙ୍କବାଦୀ ଆଡ୍ଡା ସୁରକ୍ଷିତ ନୁହେଁ, ଆମେ ସମସ୍ତଙ୍କ ପଛରେ ଯିବୁ ଏବଂ ଧ୍ୱଂସ କରିବୁ। ଅବସ୍ଥା, ସମୟ ଏବଂ ତରିକା ଆମର ହେବ।

୧୦ ସଡକ ପ୍ରକଳ୍ପ ନିମନ୍ତେ ୭୬୯ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୭।୫(ନି.ପ୍ର.): ରାଜ୍ୟର ସାମଗ୍ରିକ ବିକାଶ ଓ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ସଡ଼କ ଓ ଭିତ୍ତିଭୂମି ପାଣ୍ଠି (CRIF) ଯୋଜନା ଅଧୀନରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ୧୦ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ନିମନ୍ତେ ୭୬୯ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ସାମାଜିକ ଗଣମାଧ୍ୟମ 'ଢ' ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ବିଶେଷ କରି ରାଜ୍ୟର ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାରେ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି।

୨୦୨୬-୨୭ ବର୍ଷ ପାଇଁ କେନ୍ଦ୍ରୀୟ ସଡକ ଓ ଭିତ୍ତିଭୂମି ପାଣ୍ଠି (ଉଜଓର) ଦ୍ୱାରା ଅନୁମୋଦନ ହୋଇଥିବା ଏହି ସବୁ ପ୍ରକଳ୍ପ ଗୁଡିକ ମଧ୍ୟରେ ୫୨.୬୯ କୋଟିରୁ ଅଧିକ ଟଙ୍କାରେ ଝାରସୁଗୁଡ଼ା ଜିଲ୍ଲାର ଦଳଗାଁ-ତିଲିଆ ଏବଂ ଚାରପାଲି ଡଙ୍ଗାଘାଟ

ରାସ୍ତା ସହ ରାମପେଲା ଆପ୍ରୋଚ୍ ବ୍ରିଜ ନିର୍ମାଣ କରାଯିବ। ୧୪୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଟାଟା ବେଞ୍ଚ ଛକରୁ ଏମ୍‌କେସିଜି ପର୍ଯ୍ୟନ୍ତ ଫ୍ଲାଇଓଭର, ୧୬୮.୨୬ କୋଟିରୁ ଅଧିକ ଟଙ୍କାରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଗିରିରୋଡ ଛକରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଫ୍ଲାଇଓଭର କରାଯିବ। ସେହିପରି ୩୮.୪୬ କୋଟିରୁ ଅଧିକ ଟଙ୍କାରେ କୋରାପୁଟ୍ ଜିଲ୍ଲା ସେମିଳିଗୁଡା-ହାଣ୍ଡିପୁଟ ରାସ୍ତା ଉନ୍ନତିକରଣ, ୧୫.୨୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ କୋରାପୁଟ୍ ଜିଲ୍ଲା ଲମ୍‌ତାପୁଟ୍-ମାଛକୁଣ୍ଡ ରାସ୍ତା ଉନ୍ନତିକରଣ, ୩୨.୬୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନବରଙ୍ଗପୁର ଜିଲ୍ଲା ଉମରକୋଟ୍-ଚନ୍ଦାହାଣ୍ଡି-ମାଲଗାଁ ରାସ୍ତା ପ୍ରଶସ୍ତିକରଣ, ୪୫.୫୨ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ଅଡବା-ପାଣିଗଣ୍ଡା ରାସ୍ତା ପ୍ରଶସ୍ତିକରଣ କରାଯିବ। ୨୪.୮୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଗଜପତି ଜିଲ୍ଲା ରାମଗିରି-ଜିରାଙ୍ଗ-ନାରାୟଣପୁର ରାସ୍ତା ସୁଦୃଢ଼ୀକରଣ, ୬୧.୧୧ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ନୂଆପଡା ଜିଲ୍ଲା ଖରିଆର୍ ରୋଡ୍-ଆମୋଦୀ-ବେଲଟୁକୁରି ରାସ୍ତା ପ୍ରଶସ୍ତିକରଣ ଏବଂ ୧୮୪.୯୭ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ବାଟଗ୍ରାମ-ଚନ୍ଦନେଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ କରାଯିବ।ଉପାନ୍ତରୁ ନେଇ ଉପକୂଳ ଜିଲ୍ଲା ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ସଡକ ପ୍ରକଳ୍ପ ଗୁଡିକ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଏକ୍ସରେ ଜଣାଇଛନ୍ତି।

ଫେରିବ ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ମହାପ୍ରଭୁଙ୍କ ଜମି

ଭୁବନେଶ୍ୱର,୭।୫(ନି.ପ୍ର): ଫେରିବ ମହାପ୍ରଭୁଙ୍କ ଜମି । ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ଶ୍ରୀଜଗନ୍ନାଥଙ୍କ ଜମିକୁ ଦଖଲକୁ ଆଣିବେ ସରକାର । ଏ ନେଇ ଆଜି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଆଲୋଚନା ହୋଇଛି ।

ବୈଠକ ପରେ ମନ୍ତ୍ରୀ କହିଛନ୍ତି ଯେ ମହାପ୍ରଭୁ ଜଗନ୍ନାଥଙ୍କ ଜମି ପାଇଁ ୟୁନିଫର୍ମ ସେଟେଲମେଣ୍ଟ ଆକ୍ଟ ୨୦୦୩ର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକତା ରହିଛି । ସେଥିପାଇଁ ଏ ଦିଗରେ ମନ୍ଦିର ପ୍ରଶାସନ, ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ବୈଠକ ହୋଇଛି । ଆଜିର ବୈଠକରେ ଏକ ନିର୍ଯ୍ୟାସ ବାହାରିଛି । ଜବରଦଖଲରେ ଥିବା ମହାପ୍ରଭୁଙ୍କ ଜମିକୁ ଫେରାଇ ଆଣିବାକୁ ରୂପ ରେଖ ପ୍ରସ୍ତୁତ ହୋଇଛି । ରାଜ୍ୟ ଭିତରେ ଏବଂ ବାହାରେ ଥିବା ମହାପ୍ରଭୁଙ୍କ ଜମିକୁ ଫେରାଇ ଅଣାଯିବ । ପାଖାପାଖି ୩୬ ହଜାର ଏକର ଜମି ଜବରଦଖଲରେ ରହିଛି । ପ୍ରାୟ ୨୫ ରୁ ୨୬% ଜମିରେ ଲମ୍ବା ସମୟ ଧରି ଲୋକମାନେ ବସତି ସ୍ଥାପନ କରିଛନ୍ତି । ସେମାନଙ୍କୁ ଉଚ୍ଛେଦ ନ କରାଯାଇ କିଭଳି ଭାବେ ସେମାନଙ୍କୁ ଥଇଥାନ କରାଯିବ ଲୋକଙ୍କ ସରକାର ଚିନ୍ତା କରୁଛନ୍ତି । ଫଳରେ ମହାପ୍ରଭୁଙ୍କ ପାଇଁ ବଡ଼ କର୍ପସ ଫଣ୍ଡ ଗଠନ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି । ଆଜିର ବୈଠକରେ ଜଷ୍ଟିସ୍ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡାକ୍ତର ଅରବିନ୍ଦ ପାଢ଼ୀ ଏବଂ ଅନ୍ୟାନ୍ୟ ଅଧିକାରୀ ଗଣ ଉପସ୍ଥିତ ଥିଲେ ।

ସେହିପରି ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ରାଜସ୍ୱ ଗ୍ରାମରେ ମହାପ୍ରଭୁ ଲିଙ୍ଗରାଜଙ୍କର ପ୍ରାୟ ୩ ହଜାର ୬୦୦ ଏକର ଜମି ରହିଛି । ଏକର ଏକର ଜମି ସରକାରଙ୍କ ଅଧୀନରେ ଥିଲା । ଜମିଦାର ଉଚ୍ଛେଦ ଆଇନ ପରେ ସରକାର ଜମି ଫେରସ୍ତ ନ କରିବାରୁ ୧୯୯୧ରେ ମକଦ୍ଦମାରେ ଆରମ୍ଭ ହେଲା । ସେବେଠାରୁ ଏହି ମାମଲା କୋର୍ଟରେ ଗଡୁ ଥିଲା । ଚଳିତ ବନ୍ଦୋବସ୍ତ ପୂର୍ବରୁ ସରକାର ଶ୍ରୀଜିଉଙ୍କ ସମସ୍ତ ଭୂସମ୍ପତ୍ତି ରେକର୍ଡକୁ ଜବତ କରି ନେଇଥିଲେ । ଏହା ପରେ ଠାକୁରଙ୍କ ଖୋଦ ଦଖଲ ଜମିକୁ ସରକାରୀ ଜମି ଭାବେ ପରିବର୍ତ୍ତନ କରି ଦେଇଥିଲେ । ତେବେ ୨୦୨୨ ମସିହାରେ ମାମଲାର ଶୁଣାଣି ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି । ଅଦାଲତ ଶ୍ରୀଲିଙ୍ଗରାଜଙ୍କ ଖାତାକୁ ଉପରୋକ୍ତ ପରିମାଣରେ ଜମି ଫେରାଇ ଦେବାକୁ ନିଷ୍ପତ୍ତି ନେଇଥିଲେ । ତଦନୁଯାୟୀ ପର୍ଯ୍ୟାୟକ୍ରମେ ରେକର୍ଡ ସଂଶୋଧନ ହୋଇ ଉକ୍ତ ସରକାରୀ ଜମି ଠାକୁରଙ୍କ ଖାତାରେ ଚଢ଼ିଛି ।

ବୋମାମାଡ଼ରେ ୫ଜଣ ବିଜେପି କର୍ମୀ ଗୁରୁତର

ପାଣିହାଟି,୭।୫(ନି.ପ୍ର.): ବୁଧବାର ବିଳମ୍ବିତ ରାତିରେ ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲା ଅନ୍ତର୍ଗତ ପାଣିହାଟି ଅଞ୍ଚଳ ତଥା ନବନିର୍ବାଚିତ ବିଜେପି ବିଧାୟିକା ରତ୍ନା ଦେବନାଥଙ୍କ ବାସଭବନ ନିକଟରେ ଏକ ବୋମା ବିସ୍ଫୋରଣ ଘଟି ୫ ଜଣ ବିଜେପି କର୍ମୀ ଗୁରୁତର ଭାବେ ଆହତ ହୋଇଛନ୍ତି। ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ନିକଟତମ ସହଯୋଗୀ ଚନ୍ଦ୍ରନାଥ ରଥଙ୍କୁ ଗୁଳି କରି ହତ୍ୟା କରାଯିବାର ମାତ୍ର କିଛି ଘଣ୍ଟା ପରେ ଏହି ବୋମାମାଡ଼ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବିଜେପି କର୍ମୀମାନେ ଦତ୍ତ ରୋଡ୍ ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରୁଥିବା ସମୟରେ ମୋଟରସାଇକେଲରେ ଆସିଥିବା କିଛି ଦୁର୍ବୃତ୍ତ ସେମାନଙ୍କୁ ଲକ୍ଷ୍ୟ କରି ବୋମା ନିକ୍ଷେପ କରି ଫେରାର ହୋଇଯାଇଥିଲେ। ଆହତମାନଙ୍କୁ ତୁରନ୍ତ କୋଲକାତାର ଆର.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଜେପି ଏହି ଆକ୍ରମଣ ପାଇଁ ଶାସକ ତୃଣମୂଳ କଂଗ୍ରେସ (ଟିଏମସି) କୁ ଦାୟୀ କରିଥିବା ବେଳେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଦଳ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଅଞ୍ଚଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଏହି ମାମଲାରେ ଏକ ଅଭିଯୋଗ ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ସ୍ଥାନୀୟ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଶାନ୍ତି ବଜାୟ ରଖିବା ସହ କୌଣସି ପ୍ରକାର ଗୁଜବ ସୃଷ୍ଟି ନକରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ବର୍ତ୍ତମାନ ପରିସ୍ଥିତି ଉପରେ ପୋଲିସ କଡ଼ା ନଜର ରଖିଛି।

ଭିଡ ହିଂସା ନେଲା ଯୁବକଙ୍କ ଜୀବନ

ବାଲିଅନ୍ତା,୭।୫(ନି.ପ୍ର.): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଅଞ୍ଚଳରେ ଏକ ଭିଡ ହିଂସା ଦେଖିବାକୁ ମିଳିଛି। ବାଲିଅନ୍ତା ଥାନା ଅଧୀନରେ ଦୁଇ ଜଣ ଯୁବତୀଙ୍କୁ ଗାଡି ଧକ୍କା ଦେବା ଘଟଣାରେ ଉତ୍ତେଜିତ ଲୋକେ ଜଣେ ଯୁବକଙ୍କୁ ନିସ୍ତୁକମାଡ ମାରି ଲହୁଲୁହାଣ କରି ମାରି ଦେଇଛନ୍ତି। ମୃତ ବ୍ୟକ୍ତି ହେଲେ ସୌମ୍ୟରଂଜନ ସ୍ୱାଇଁ (୩୨)।

ସୂଚନା ଅନୁସାରେ ଜିଆରପି ଥାନାରେ କାର୍ଯ୍ୟରତ ସୌମ୍ୟରଂଜନ ସ୍ୱାଇଁ ଏବଂ ତାଙ୍କର ସାଙ୍ଗ ଓମ୍ ପ୍ରକାଶ ରାଉତ ଏକ ବାଇକ୍‌ରେ ଯାଉଥିବା ବେଳେ ରାସ୍ତାରେ ଯାଉଥିବା ଦୁଇ ଜଣ ଯୁବତୀଙ୍କ ସହିତ ଧକ୍କା ହୋଇଥିଲା। ଏଥିରେ ଯୁବତୀମାନେ ଆହତ ହୋଇଥିଲେ।

ଏହି ଘଟଣା ପରେ ସ୍ଥାନୀୟ ଉତ୍ତେଜିତ ଲୋକେ ବାଇକ୍ ଆରୋହୀ ସେମ୍ୟରଂଜନ ଏବଂ ଓମ୍ ପ୍ରକାଶଙ୍କୁ କାବୁ କରିଥିଲେ। ପ୍ରଥମେ ହାତଗୋଡ ବାନ୍ଧି ଦେଇଥିଲେ। ସେମାନେ ଅସଦାଚରଣ ଅଭିଯୋଗ ଆଣି ସେମ୍ୟରଂଜନଙ୍କୁ ନିସ୍ତୁକମାଡ ମାରି ଲହୁଲୁହାଣ କରିଥିଲେ। ପ୍ରତିଶୋଧ ପରାୟଣ ହୋଇ ପିଟିଥିଲେ। ଏହା ପରେ ସୌମ୍ୟରଂଜନଙ୍କୁ ଗୁରୁତର ଭାବେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପୁଲିସ ମୃତଦେହ ଜବକ କରିଛି। ସେମ୍ୟରଂଜନ ସ୍ୱାଇଁଙ୍କ ସାଙ୍ଗ ଓମ୍ ପ୍ରକାଶ ରାଉତଙ୍କୁ ପୁଲିସ ଅଟକ ରଖି ପଚରାଉଚୁରା କରୁଛି। ତେବେ ରାସ୍ତାରେ ଯାଉଥିବା ଯୁବତୀ କେଉଁମାନେ ଥିଲେ ସେମାନେ କେଉଁଠୁ କେଉଁଆଡ ଯାଉଥିଲେ ଯୁବତୀମାନଙ୍କୁ ସେମ୍ୟରଂଜନ ଜାଣିଥିଲେ କି ନାହିଁ ଯୋଜନାବଦ୍ଧ ଦୁର୍ଘଟଣା ନା ପ୍ରାକୃତିକ ବିଭିନ୍ନ ଘଟଣାକ୍ରମକୁ ନେଇ ପୁଲିସ ମାମଲାର ତଦନ୍ତ କରୁଛି।

ଓଁ ଗଙ୍ଗା

✓ ପୂର୍ଣ୍ଣିମାରାଣୀ ମହାପାତ୍ର
ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ
ଜାତସ୍ୟ ଧ୍ରୁବ ମୃତ୍ୟୁ
ଆବିର୍ଭାବ - ୧୯.୦୬.୧୯୫୧
ତିରୋଧାନ- ୨୭.୦୪.୨୦୨୬
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଆମ୍ଭମାନଙ୍କ ଅଭୁଲା ସ୍ମୃତି ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ ପରିବାରବର୍ଗ-
ମାମିନା, ପପୁ, ନିପୁ, ବନି, ଆଏଶା, ମୋହିତ,
ଶୈଶ, ତିତ୍‌ଲି, ଲକି, ପିଙ୍କୁ, ରାମୁ ଓ ଅର୍ପିତା
ବନ୍ଧୁ ଓ ଶୁଭେଚ୍ଛୁମାନେ

ଡାହୁକ

କଥାରେ ଖୁଆଇ ଛେନା
ସ୍ୱପ୍ନ ଦେଖାଉଚି ସରକାର ସିନା
ଦେଶକୁ କରିବ ସୁନା
ସ୍ୱପ୍ନ ହୁଏ ସବୁ ଚୁନା
ପୋଷା ଟାଉଟର ସାଥେ ସାଥୀ ହୋଇ
ବୁଲାଅନ୍ତି କଳା କନା।
-ବିଧୁ

୨୦୨୪ରେ ୫୪ କୋଟି ନକଲି ନୋଟ୍ ଜବତ

ନୂଆଦିଲ୍ଲୀ,୭।୫(ଏଜେନସି): ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ର ସଦ୍ୟତମ ରିପୋର୍ଟ ଅନୁଯାୟୀ ୨୦୨୪ ରେ ବରିଷ୍ଠ ନାଗରିକ (୬୦ ବର୍ଷରୁ ଉର୍ଦ୍ଧ ବୟସର ବ୍ୟକ୍ତି)ଙ୍କ ବିରୁଦ୍ଧରେ ୩୬,୬୦୨ ଅପରାଧିକ ମାମଲା ରୁଜୁ କରାଯାଇଛି । ୨୦୨୩ ତୁଳନାରେ ଏହି ମାମଲା ୧୬.୯ ପ୍ରତିଶତ ବୃଦ୍ଧି ପାଇଛି ।



୨୦୨୩ ମସିହାରେ ୨୭,୭୨୧ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ୨୦୨୪ ମସିହାରେ ପ୍ରାୟତଃ ୨୭,୪୦୯ ହତ୍ୟା ମାମଲା ରୁଜୁ ହୋଇଛି । ଏହି ହତ୍ୟା ପଛରେ ବ୍ୟକ୍ତିଗତ ଶତ୍ରୁତା ଓ ବିବାଦ ମୁଖ୍ୟ କାରଣ ବୋଲି ଦର୍ଶାଯାଇଛି । ୨୦୨୩ ରେ ୧.୧୩ ଲକ୍ଷ ଅପହରଣ ମାମଲା ପଞ୍ଜିକୃତ ହୋଇଥିଲା । ୨୦୨୪ ରେ ଅପହରଣ ହୋଇଥିବା ୯୬,୦୭୯ ମାମଲା ପଞ୍ଜିକୃତ ହୋଇଛି, ଯାହା ୨୦୨୩ ତୁଳନାରେ ୧୫.୪ ପ୍ରତିଶତ ହ୍ରାସ ପାଇଛି ।

ଭାରତୀୟ ଦଣ୍ଡ ସଂହିତା (ଆଇପିସ) ଓ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଆଧାରରେ ୩୫.୪ ଲକ୍ଷ ଅପରାଧିକ ମାମଲା ରୁଜୁ ହୋଇଛି । ଏହା ସହ NCRB ୧୯ ମହାନଗର ଗୁଡିକରେ ତୁଳନାତ୍ମକ ଅପରାଧ ତଥ୍ୟ ପ୍ରକାଶ ପାଇଛି । ଏହି ତଥ୍ୟ ଅନୁସାରେ ୨୦୨୪ ରେ ୮.୪ ଲକ୍ଷ କଗ୍ନିଜେବଲ୍ ଅପରାଧ ହୋଇଛି, ଯାହା ୨୦୨୩ ତୁଳନାରେ ୧୦.୯ ପ୍ରତିଶତ ହ୍ରାସ ପାଇଛି। ଏହି ରିପୋର୍ଟ ରୁ ଜଣାପଡିଛି ଯେ, ୨୦୨୪ ମସିହାରେ ୫୪.୬ କୋଟି ଟଙ୍କା ମୂଲ୍ୟର ୮.୨୧ ଲକ୍ଷ ନକଲି ଭାରତୀୟ ନୋଟ ଜବତ କରାଯାଇଛି । ଆଇନ ପ୍ରବର୍ତ୍ତନ ଅଧିକାରୀ, ୨୦୨୩ ମସିହାରେ ଦଶ ଲକ୍ଷ କେଜି RDX ଓ TNT ଜବତ କରିଥିବାବେଳେ ୨୦୨୪ ରେ ୩ ଲକ୍ଷ ୬୨ ହଜାର କେଜି ବିସ୍ଫୋରକ ଜବତ କରଯାଇଛି ।ତଥ୍ୟ ଅନୁଯାୟୀ ଅନୁସୂଚିତ ଜାତି (ଏସ୍ ସି) ବିରୁଦ୍ଧରେ ୫୫,୬୯୮ ଅପରାଧିକ ମାମଲା ପଞ୍ଜିକୃତ ହୋଇଛି, ଯାହା ୨୦୨୩ (୫୭,୭୮୯ ମାମଲା) ତୁଳନାରେ ୩.୬ ପ୍ରତିଶତ ହ୍ରାସ ପାଇଛି । ଅନୁସୂଚିତ ଜନଜାତି (ଏସ୍ ଟି) ବିରୁଦ୍ଧରେ ୯,୯୬୬ ମାମଲା ପଞ୍ଜିକୃତ ହୋଇଛି, ଯାହା ୨୦୨୩(୧୨,୯୬୦ ମାମଲା) ତୁଳନାରେ ୨୩.୧% କମ।